# ସ୍ୱାଇସ୍ ମନି ପକ୍ଷରୁ ଶୂନ ନିବେଶ କାର୍ଯ୍ୟକ୍ରମର ଶୁଭାରମ୍ଭ

ଭୁବନେଶ୍ୱର (ଆ.ପ୍ର): ଭାରତର ଅଗ୍ରଣୀ ଗ୍ରମୀଣ ଫିନ୍‌ଟେକ୍ ସଂସ୍ଥା ସ୍ୱାଇସ୍ ମନି ପକ୍ଷରୁ ଏକ ଶୂନ ନିବେଶ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ଯାହା ଗ୍ରାମୀଣ ଉଦ୍ୟୋଗୀମାନଙ୍କୁ ସ୍ୱାଇସ୍ ମନି ଅଧିକାରୀ ନେଟୱ୍ୱର୍କର ଅଂଶ ହେବା ସୁଯୋଗ ବିନା ମୂଲ୍ୟରେ ପ୍ରଦାନ କରିବ। ଏହି ସୀମିତ ଅବଧିର କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ସାରା ଦେଶରେ ୧ କୋଟି ଗ୍ରାମୀଣ ଉଦ୍ୟୋଗୀଙ୍କୁ ଡିଜିଟାଲ୍ ଓ ଆର୍ଥିକ ଭାବେ ସଶକ୍ତ କରିବା ଏବଂ କମ୍ପାନୀର ଡିଜିଟାଲ୍ ପେମେଣ୍ଟ ବ୍ୟବସ୍ଥାକୁ ଗ୍ରାମାଞ୍ଚଳ ଓ ଅର୍ଦ୍ଧ ସହରାଚଞ୍ଚରେ ପହଞ୍ଚାଇବା। ଶୂନ ନିବେଶ ପ୍ରବେଶ କାର୍ଯ୍ୟକ୍ରମ ଜରିଆରେ ପ୍ରବାସୀ ଶ୍ରମିକ, କିରାନା ଷ୍ଟୋର୍ ମାଲିକ, ଚାକିରି ସନ୍ଧାନକାରୀ, ସଦ୍ୟ ସ୍ନାତକ, ଗୃହିଣୀ ଓ ଅନ୍ୟମାନେ ସ୍ୱାଇସ୍ ମନି ଅଧିକାରୀ ନେଟୱ୍ୱର୍କରେ ଯୋଗଦେଇ ନିଜ ବାସସ୍ଥାନ ବା ସହରରେ ଆତ୍ମନିଯୁକ୍ତି ଓ ଜୀବନଜୀବିକାକୁ ସୁରକ୍ଷିତ ରଖିପାରିବେ। ବର୍ତ୍ତମାନ ସ୍ୱାଇସ୍ ମନିରେ ଥିବା ୫%ରୁ ଅଧିକ ଅଧିକାରୀମାନଙ୍କ ମଧ୍ୟରୁ ୬୫%ଙ୍କ ବୟସ ହେଉଛି ୩୦ ବର୍ଷରୁ କମ୍ ଏବଂ ସେମାନଙ୍କ ମଧ୍ୟରୁ ଅଧିକାଂଶ ନିଜ ଦମ୍‌ରେ ଉଦୀୟମାନ ଉଦ୍ୟୋଗୀ ଭାବେ ଉଭା ହୋଇଛନ୍ତି। ଏ ସମ୍ପର୍କରେ ସ୍ୱାଇସ୍ ମନିର ପ୍ରତିଷ୍ଠାତା ଦିଲ୍ଲୀପ ମୋଦୀ କହିଛନ୍ତି ଯେ, 'ଶୂନ ନିବେଶ ପ୍ରବେଶ କାର୍ଯ୍ୟକ୍ରମ ଗ୍ରାମୀଣ ଭାରତ ଓ ଅର୍ଦ୍ଧ ସହରାଞ୍ଚଳର ଯୁବପିଢ଼ିଙ୍କୁ ବିନା ମୂଲ୍ୟରେ ସ୍ୱାଇସ୍ ମନି ଅଧିକାରୀ କରିବ। ଏହି କାର୍ଯ୍ୟକ୍ରମ ସ୍ୱାଇସ୍ ମନିର ନେଟ୍‌ୱ୍ୱର୍କକୁ ବଢ଼ାଇବା ଏବଂ ଆବଶ୍ୟକ ଡିଜିଟାଲ୍ ସାକ୍ଷରତା ଏବଂ ଇ-ରିଟେଲ୍ ସେବା ବ୍ୟାଙ୍କ ପହଞ୍ଚନଥିବା ଏବଂ ଦେଶର ଦୁର୍ଗମ ସ୍ଥାନରେ ଥିବା ଉପେକ୍ଷୀତ ଅଞ୍ଚଳରେ ପ୍ରଦାନ କରିବ। ଆମର ଡିଜିଟାଲ୍ ଦୋକାନ ଜରିଆରେ ନିଜ ଉଦ୍ୟମରେ ଉପାର୍ଜନ କରିବା ଲାଗି ଯୁବ ଉଦ୍ୟୋଗୀମାନଙ୍କୁ ସହାୟତା ଦେଇ ଭାରତର ଡିଜିଟାଲ୍ ଓ ଆର୍ଥିକ ଭବିଷ୍ୟତକୁ ସୁରକ୍ଷିତ କରିବା ଦିଗରେ ଏହା ହେଉଛି ଏକ ବଳିଷ୍ଠ ଉଦ୍ୟମ। ଅଭିନେତା ଓ ବଦାନ୍ୟ ବ୍ୟକ୍ତି ସୋନୁ ସୁଦ୍ ଯିଏ ନିକଟରେ ସ୍ୱାଇସ୍ ମନି ସହିତ ସହଯୋଗିତା ସ୍ଥାପନ କରିଛନ୍ତି ସେ କହିଛନ୍ତି ଯେ, 'ସ୍ୱାଇସ୍ ମନିର ପ୍ରଯୁକ୍ତି ବିଶେଷତା ଓ ଡିଜିଟାଲ୍ ଭିତ୍ତିଭୂମି ସମସ୍ତ ଭାରତୀୟ ବିଶେଷ କରି ଯେଉଁମାନେ ଅଳ୍ପ ବିକଶିତ ଅଞ୍ଚଳରେ ରହୁଛନ୍ତି ସେମାନଙ୍କ ସାମାଜିକ ଓ ଆର୍ଥିକ ସ୍ୱାଧୀନତା ପାଇଁ ମୋର ରହିଥିବା ଲକ୍ଷ୍ୟ ପୂରଣ କରିବାରେ ସହାୟକ ହେବ। ଲକ୍‌ଡାଉନ୍ ସମୟରେ ମୁଁ ହଜାର ହଜାର ପ୍ରବାସୀ ଶ୍ରମିକଙ୍କ ସଂଘର୍ଷକୁ ଦେଖିଥିବାରୁ ଏବେ ହେଉଛି ଆଗେଇ ଆସିବା ଏବଂ ନିଜ ଜୀବନଜୀବିକା ପାଇଁ ନିଜ ସହରରେ କିମ୍ବା ଗ୍ରାମରେ ରହି ଉପାର୍ଜନ କରିବା ଲାଗି ଉପେକ୍ଷୀତମାନଙ୍କୁ ସାହାଯ୍ୟ କରିବାର ସମୟ-ଆମକୁ ସବୁ ଗ୍ରାମକୁ ଡିଜିଟାଲ୍ ଭାବେ ସକ୍ଷମ କରିବାକୁ ପଡ଼ିବ। ସ୍ୱାଇସ୍ ମନିର ଅଭିନବ ବିନା ମୂଲ୍ୟର ବ୍ୟବସାୟ ଉପସ୍ଥାପନା ଜରିଆରେ ମୋର ବିଶ୍ୱାସ ରହିଛି ଯେ, ଆମେ ଗ୍ରାମାଞ୍ଚଳ ଓ ଅର୍ଦ୍ଧ ସହରାଞ୍ଚଳରେ ବାସ କରୁଥିବା ଅଧିକ ଲୋକମାନଙ୍କ ପାଖରେ ପହଞ୍ଚିପାରିବୁ ଏବଂ ସ୍ୱାବଲମ୍ବୀ ହେବା ଏବଂ ନିଜ ଭାଗ୍ୟ ନିଜେ ଗଢ଼ିବା ପାଇଁ ରହିଥଇବା ସେମାନଙ୍କ ଅଭିଳାଷ ପୂରଣ କରିବାରେ ସହାୟତା ଦେଇପାରିବୁ।